# ଅଲେଖ ଚନ୍ଦ୍ର ଦାସ

ଜନ୍ମ: (୧୯୩୨-....) ମସିହା

ଶ୍ରୀ ଅଲେଖଚନ୍ଦ୍ର ଦାସ ଲେଖନୀ ଚାଳନାରେ ନବାଗତ ଲେଖକ ନୁହନ୍ତି । ଛାତ୍ରାବସ୍ଥାରୁ ଅଦ୍ୟାବଧି ଅନେକ ରଚନା ଲେଖି ଓଡ଼ିଆ ବାଣୀ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛନ୍ତି । ତାଙ୍କର ଲେଖନୀ ବସ୍ତୁତଃ ପୌରାଣିକ ଓ ଆଧ୍ୟାତ୍ମିକ କଥାବସ୍ତୁ ଉପରେ ପ୍ରତିଫଳିତ । ତାଙ୍କର ପୁସ୍ତକ ଗୁଡ଼ିକ-

ସରଳ ଓଡ଼ିଆ ଶ୍ରୀରାମଚରିତମାନସ (ପଦ୍ୟାବଳୀ), ଶ୍ରୀମଦ୍ ଭାଗବତ ଗୀତାର ଝଲକ (ଗଦ୍ୟ ରଚନା) , ମାନସ ତରଙ୍ଗ,

**ସରଳ ଓଡ଼ିଆ ଶ୍ରୀରାମଚରିତମାନସ (ପଦ୍ୟାବଳୀ)-** ପୃଷ୍ଠା-୫୨୬, ପ୍ରକାଶକାଳ-୨୦୦୦, ମୂଲ୍ୟ- ଟ.୪୦୦/-

ତୁଳସୀଦାସ କୃତ ଶ୍ରୀରାମଚରିତମାନସ (ହିନ୍ଦୀ) ର ସରଳ ଓଡ଼ିଆ ଅନୁବାଦ ।

**ଶ୍ରୀମଦ୍ ଭାଗବତ ଗୀତାର ଝଲକ (ଗଦ୍ୟ ରଚନା)** , ପୃଷ୍ଠା-୧୧୬, ପ୍ରକାଶକାଳ-୨୦୦୧, ମୂଲ୍ୟ- ଟ.୪୦/-

ଶ୍ରୀମଦ୍ ଭଗବଦ୍ ଗୀତାର ସରଳ ସମ୍ୟକ ଗଦ୍ୟ ରଚନା ପାଠକମାନଙ୍କ ନିମନ୍ତେ ସୁଖପାଠ୍ୟ ।

**ମାନସ ତରଙ୍ଗ,** ପୃଷ୍ଠା-୨୩୪, ପ୍ରକାଶକାଳ-୨୦୧୦, ମୂଲ୍ୟ- ଟ.୧୮୦/-

ପୂର୍ବ ପ୍ରକାଶିତ ଲେଖନୀମାନଙ୍କର ସମଷ୍ଟିଗତ ସଂକଳନରେ ଏ ପୁସ୍ତକଟି ରଚିତ । ବିଶେଷତଃ ଏହା ଆଧ୍ୟାତ୍ମିବାଦ ଭିତ୍ତିଭୂମି ଉପରେ ଉପରେ ପ୍ରତିଷ୍ଠିତ ହୋଇଅଛି । ଏଥିରେ ୫୧ଟି ଉପାଦେୟ ବିଷୟବସ୍ତୁ ସନ୍ନିବେଶିତ ହୋଇଛି । ଏହାର ଭାଷା ଓ ଭାବପ୍ରକାଶ ସରଳ ଓ ସର୍ବଜନ ବୋଧଗମ୍ୟ । ମାନସ ତରଙ୍ଗରେ ଆତ୍ମଗର୍ବ, ପରଶ୍ରୀକାତରତା ଅସହଯୋଗ ପ୍ରଶସ୍ତିଶାଳରୁ ବଂଚିତ ହୋଇ ସମାଜର ସାମୟିକ ପ୍ରଗତି ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ମୂର୍ଚ୍ଛନା ଖେଳାଇ, ପାରିବାରିକ ସଦ୍‌ଭାବ ସୌହାର୍ଦ୍ଦ୍ୟ, କର୍ତ୍ତବ୍ୟ ନିଷ୍ଠା, ଭାତୃଭାବ ବିଶ୍ୱପ୍ରେମର ବିକାଶ ଘଟାଇବା ପାଇଁ ଲେଖକଙ୍କର ଅନୁଚିନ୍ତା ।

**ଶ୍ରୀକୃଷ୍ଣ ହିଁ ଭଗବାନ,** ପ୍ରକାଶକାଳ - ୨୦୦୬, ମୂଲ୍ୟ- ଟ.୯୦/-

ଶ୍ରୀକୃଷ୍ଣଙ୍କ ଜୀବନଲୀଳା ଜନ୍ମଠାରୁ ଦେହତ୍ୟାଗ ପର୍ଯ୍ୟନ୍ତ ଏହି ପୁସ୍ତକରେ ଗଦ୍ୟ ଆକାରରେ ସ୍ଥାନିତ ହୋଇଛି ।